# ତହସିଲଦାରଙ୍କ କାର୍ଯ୍ୟାଳୟ, ରାମପୁର : ଜି – ସୁବର୍ଣ୍ଣପୁର

ସଂଖ୍ୟା - 2316 /ତା. 30.5.2020

## ବିଜ୍ଞାପନ

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ରାମପୁର ତହସିଲ ଅନ୍ତର୍ଗତ ନିମ୍ନଲିଖିତ ଲଘୁ ଖଣିଜ ଖାଦାନ ଗୁଡିକ ଆସନ୍ତା ୫ (ପାଞ୍ଚ) ନିମନ୍ତେ (୨୦୨୦-୨୧ ରୁ ୨୦୨୪-୨୫) ଆର୍ଥିକ ବର୍ଷ ପାଇଁ ଦୀର୍ଘ ମିଆଦି ଲିଜ ନିମନ୍ତେ ନିମ୍ନ ସାରଣୀ ମୁତବକ ତହସିଲଦାରଙ୍କ ଦ୍ୱାରା ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତିମାନେ O.M.M.C Rule 2016 ର Form- M ରେ ପୂରଣ କରି ଏହାର ତିନିକିତା କପି ସହ ନିମ୍ନଲିଖିତ ଦଲିଲ୍ ସଂଲଗ୍ନ କରି Sealed Cover ରେ ଆବେଦନ କରିବାକୁ ହେବେ ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତାରିଖ ୧୬।୦୬।୨୦୨୦ ଅପରାହ୍ନ ୩.୦୦ ସୁଦ୍ଧା ତହସିଲ ଅଫିସରେ ଥିବା Drop Box ରେ ଦାଖଲ କରିବେ ଏବଂ ତାରିଖ. ୧୬।୦୬।୨୦୨୦. ସକାଳ ୪.୦୦ ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ତନଖି କରାଯିବ । ଏହି ସୈରାତ ଉତ୍ସ ପ୍ରଥମ ତାରିଖରେ ଲିଜ ପାଇଁ ଚୁଡାନ୍ତ ହୋଇ ନ ପାରିଲେ, ସେହି ଉତ୍ସ ଦ୍ୱିତିୟ ତାରିଖ ୨୨।୦୬।୨୦୨୦ଏବଂ ତୃତୀୟ ତାରିଖ ୨୯।୦୬।୨୦୨୦ ଅପରାହ୍ନ ୩.୦୦ ଟା ସୁଦ୍ଧା ଦରଖାସ୍ତ ଗ୍ରହଣ କରାଯାଇ ଉକ୍ତ ତାରିଖ ମାନଙ୍କର ସକାଳ ୪.୦୦ଟା ରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ତନଖି କରାଯିବ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକ ବାତିଲ କରାଯିବ । ପୂର୍ବ ନିଲାମ ମାନଙ୍କରେ ନିଲାମ ଦଫ୍ରେ ବକେୟା ରଖିଥିବା ବ୍ୟକ୍ତି ନିଲାମରେ ଅଂଶ ଗ୍ରହଣ କରିପାରିବେ ନାହିଁ । କର୍ତ୍ତୃପକ୍ଷଙ୍କର କୌଣସି କାରଣ ନଦର୍ଶାଇ ନିଲାମ ଖାରଜ କିମ୍ବା ସ୍ଥଗିତ କରିବାର ଅଧିକାର ରହିଛି ।

## ଦାଖଲ କରିବାକୁଥିବା ଦଲିଲ / କାଗଜାତ

୧. ଦରଖାସ୍ତ ଫି ସକାଶେ ଟ. ୧୦୦୦ . ୦୦ (ଏକ ହଜାର) ର ଟ୍ରେଜେରୀ ଚାଲାଣ (Non Refundable) ।

୨. ଆବେଦନ କରିଥିବା ଲିଜ ଜମିର ସମ୍ପୂର୍ଣ୍ଣ ବିବରଣୀ ଓ ନକ୍ସା ।

୩. କୌଣସି ମାଇନିଂ ଭରଣ ବକେୟା ନ ଥିବା ନେଇ ଏକ ସତ୍ୟପାଠ ।

୪. ଆବେଦନ ଜମି ଯଦି ରୟତି ହୋଇଥାଏ ତେବେ ସେହି ଜମିର ମାଲିକଙ୍କ ସହମତି ।

୫. ଆବେଦନକାରୀ ଯେଉଁ ସୈରାତ ଉତ୍ସ ପାଇଁ ଆବେଦନ କରୁଛନ୍ତି ସେହି ଉତ୍ସର ବିଗତ ବର୍ଷ ନିଲାମ ମୂଲ୍ୟର ସମପରିମାଣର ସଲଭେନସି ସାର୍ଟିଫିକେଟ ଦାଖଲ କରିବେ ।

୬. ଅନ୍ୟ ବିବରଣୀ ଯଥା ବୈଷୟିକ ଜ୍ଞାନ , ଦକ୍ଷତା , ଯନ୍ତ୍ରପାତି , ଆର୍ଥିକ ସ୍ଥିତି ଇତ୍ୟାଦି ।

୭. ST/IT Clearance ସାର୍ଟିଫିକେଟ ର ନକଲ ।

( ସର୍ତ୍ତାବଳିର ବିବରଣୀ ଜିଲ୍ଲାପାଳଙ୍କ Web Site: www. Subarnapur.nic.in କିମ୍ବା ତହସିଲ କାର୍ଯ୍ୟାଳୟରେ ଉପଲବ୍ଧ ହେବ ।

## ସର୍ତ୍ତାବଳି

୧. ଆବେଦନକାରୀମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ପରିସର ଭୁକ୍ତ ରହିବେ ।

୨. ଲିଜ ପାଇଁ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ଖାଦାନ ଗୁଡିକ ପରିଦର୍ଶନ କାରୀ ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶ ଗ୍ରହଣ କରିବେ ।

୩. ଲିଜ ରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ୍ୟ ଦାୟୀ ରହିବେ ନାହିଁ ।

୪. ଲିଜ ଦିଆ ଯାଇଥିବା ଧାର୍ଯ୍ୟ ସମୟ ଭିତର କର୍ତ୍ତୃପକ୍ଷ୍ୟ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।

୫. ସର୍ବୋଚ ଲିଜଧାରୀ ନିଜ ଖରଚରେ ମାଇନିଙ୍ଗ ପ୍ଲାନ ତିଆରି କାରୀ ଦାଖଲ କରିବେ ନଚେତ ଲିଜ ବାତିଲ କରିଦିଆଯିବ ।

୬. ମାଇନିଙ୍ଗ ପ୍ଲାନ ରେ ଦର୍ଶଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜ ଧାରିଙ୍କ ଦ୍ଵାରା ଦର୍ଶଯାଇଥିବା ଏକକ ରୟାଲଟିର ରାଶିକୁ ଗୁଣନ କଲେ ଯେଉଁ ପରିମାଣର ଅର୍ଥ ହେବ ଉକ୍ତ ରାଶି ENVIRONMENT CLEARANCE ଆଣି ପରେ ପଇଠ କରିବେ । ସମ୍ପୂର୍ଣ ରାଶି ପଇଠ ହେଲା ପରେ ଲିଜ ଧାରି ରେଜିଷ୍ଟ୍ରେଶନ ଆକ୍ଟ 1908 ଓ ଷ୍ଟାମ୍ପ ଆକ୍ଟ 1899 ଅନୁଯାଇ ଚୁକ୍ତିପତ୍ର (Execution of lease deed) ସମ୍ପାଦନ କରିବେ ।

୭. Competent Authority ସୁନିଶ୍ଚିତ କରିଥିବା ଅମାନତ ରାଶି (Earnest Money) କୁ ମନୋନୀତ ଲିଜ ଧାରୀ ନିଲାମ ସାବ୍ୟସ୍ତ ହେଲା ପରେ ୭ (ସାତ ) ଦିନ ମଧରେ ପଇଠ କରିବେ ।

୮. ନିର୍ଦ୍ଦିଷ୍ଟ ସମୟସୀମା ମଧରେ ମାଇନିଙ୍ଗ ପ୍ଲାନ ଓ ପରିବେଶ ମଞ୍ଜୁରୀ ଦାଖଲ ନ କଲେ ଅମାନତ ରାଶି ବ୍ୟାଜ୍ୟାପ୍ତ କରାଯିବ।

୯.ପରିବେଶ ସମ୍ବନ୍ଧୀୟ ଅନୁମତି ଲିଜ ଧାରୀ ନିଜ ଦାୟୀତ୍ବରେ ହାସଲ କରିବେ ।

୧୦. ପୁନଶ୍ଚ ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପଇଠ ହୋଇଥିବା ଜମାରାଶି କୁ ବ୍ୟାଜ୍ୟାପ୍ତ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକରୀଙ୍କ ରହିଅଛି ।

୧୧. ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସୀମା ଦ୍ଵାରା ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରି କରି ସେଥିରେ ସୈରାତ ଉତ୍ସର ନକ୍ସା ନାମ ତଥା ମଞ୍ଜୁରୀ ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ । ଏ ସବୁ ସମ୍ପାଦନ ଖର୍ଚ୍ଚ ଲିଜ ଧାରୀ ବହନ କରିବେ ।

୧୨. ଉପରୋକ୍ତ ସମସ୍ତ ସରତବଳୀ ପୂରଣ ହେଲା ପରେ କାର୍ଯ୍ୟାଦେଶ ଦିଆଯିବ। କ୍ଷମତାପ୍ରାପ୍ତ ଆଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଲଘୁ ଖଣିଜ ଉଠାଇପାରିବେ ନାହିଁ ।

୧୩. ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ କାର୍ଯ୍ୟାଳୟରେ ଛୁଟି ଦିନ ବ୍ୟତିତ ସମସ୍ତ କାର୍ଯ୍ୟ ଦିବସ ରେ ଦେଖିପାରିବେ ।

୧୪. ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି ।

୧୫. ଜମା ରୟାଲଟି (2%) ଲିଜଧାରୀ ଆୟକର (T. D.S.) ବାବଦକୁ ଚାଲାନ ଆକାରରେ ଜମା କରିବେ ।

୧୬. ଲିଜ ର ସମସ୍ତ ସର୍ତ୍ତାବଳୀ ପାଳନ କରୁଥବା ଓ ସର୍ବାଧିକ ରୟାଲଟି ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀଙ୍କୁ ଲିଜ ଦିଆଯିବ ।

୧୭. ସର୍ବୋଚ୍ଚ ରୟାଲଟି ଦାଖଲ ପାଇଁ ଦରଖାସ୍ତ କରିଥିବା ଆବେଦନକାରୀ ଲିଜ ନ ନେଲେ ତତ ପରବର୍ତ୍ତୀ ଆବେଦନକାରୀଙ୍କୁ ସୁଯୋଗ ଦିଆଯିବ ।

୧୮. ସରକାରୀ ରୟାଲଟି ଧାର୍ଯ୍ୟ ଦରଠାରୁ କମ ଦରରେ ଦରଖାସ୍ତକାରୀଙ୍କର J- FORM ଖାରଜ କରିଦିଆଯିବ ।

୧୯. ଲିଜ ଧାରୀ ସୈରାତ ଉତ୍ସ ର ପରିବେଶ ପରିଚାଳନା ପାଇଁ ବାର୍ଷିକ ରୟାଲଟି ଦେୟର ୫% ( Odisha Management Trust ) ପାଇଁ ଚୁକ୍ତି ପୂର୍ବରୁ ଦାଖଲ କରିବେ ।

୨୦. ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ Consent to establish ଓ consent to operate ଦାଖଲ ନ କଲେ ଅମାନତ ରାଶି ବ୍ୟାଜ୍ୟାପ୍ତ କରାଯିବ ।

## ସୈରାତ ଉତ୍ସର ବିବରଣୀ

| କ୍ର. ନଂ . | ସୈରାତ ଉତ୍ସର ନାମ | ମୌଜା | ଖାତା ନଂ . | ପ୍ଲଟ ନଂ . | ରକବା | MGQ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | |
| ୧. | ଭାଟବାହାଲି ପଥର ଖାଦାନ | ଭାଟବାହାଲି | ୩୨୪ | ୧୦୨୭<br>୧୦୨୮<br>୧୦୩୧<br>ମୋଟ | ଏ.୧.୨୨୦<br>ଏ.୦.୬୪୦<br>ଏ.୦.୦୬୦<br>ଏ.୧.୯୨୦ | ୧୦୦୦ |
| ୨. | ଚନବେଡା ପଥର ଖାଦାନ | ଚନବେଡା | ୬୩ | ୧୬୮<br>୧୯୫<br>୨୨୩<br>୨୩୪<br>ମୋଟ | ୫.୦୮୦<br>୩.୦୩୨<br>୦.୦୭୦<br>୦.୨୨୨<br>୮.୪୦୪ | ୨୦୦୦ |
| ୩ | ଛଞ୍ଚାଣି ପଥର ଖାଦାନ | ଛଞ୍ଚାଣି | ୨୦୮ | ୬<br>୨୦<br>୩୧<br>ମୋଟ | ଏ.୨.୧୨୦<br>ଏ.୦.୭୬୯<br>ଏ.୫.୫୫୦<br>୮.୪୩୯ | ୧୦୦୦ |

ଜ୍ଞାପକ ସଂଖ୍ୟା . 2317 / ତା. 30.5.2020

ଏହାର ଏକକିତ ନକଲ ରାଜସ୍ୱ ନିରୀକ୍ଷକ , ଭାଟବାହାଲି / ଅନ୍ଧାରିବାଞ୍ଜି ,/ଶୁଖା/କାର୍ଯ୍ୟନିର୍ବାହୀ ଅଧିକାରୀ , କପାସିର। / ଟାଙ୍ଗରକର୍ଲେ /ଶୁଖା , ଗୋଷ୍ଠୀ ଉନ୍ନୟନ ଅଧିକାରୀ , ଡୁଙ୍ଗୁରିପାଳି / ନୋଟିସ ବୋର୍ଡ ତହସିଲ କାର୍ଯ୍ୟାଳୟ ରାମପୁର ରେ ସମସ୍ତଙ୍କ ଅବଗତ ନିମନ୍ତେ ପ୍ରେରଣ କରାଗଲା ।

[signature] 30/05/2020
ତହସିଲଦାର, ରାମପୁର

ଜ୍ଞାପକ ସଂଖ୍ୟା . 2318 / ତା. 30.5.2020

ଏହାର ଏକକିତ ନକଲ ଉପ – ଜିଲ୍ଲାପାଳ , ସୋନପୁର ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

[signature] 30/05/2020
ତହସିଲଦାର, ରାମପୁର

Memo No. 2319/Dt. 30.5.2020

Copy to D.I.O , NIC Subarnapur to upload in the district website for its wide publication

[signature] 30/05/2020
Tahasildar,Rampur